

କରିବାକୁ ଆମନ୍ତ୍ରଣ ଜଣାଇଥିଲେ ।

ସେ ଏକ ନୂଆ ବିଶ୍ୱାସ ନେଇ ଓଡ଼ିଶା ଫେରିଆସିଲେ । ଏପରି ଏକ ଅଭୂତପୂର୍ବ ସୁଯୋଗ ପ୍ରାପ୍ତି ପାଇଁ କବି ନିଜକୁ ଭାଗ୍ୟବାନ ମନେ କଲେ ଏବଂ ଅନୁଭବ କଲେ ଯେ ତାଙ୍କ କାବ୍ୟଜୀବନ ଏଯାଏ ଆରମ୍ଭ ହୋଇନାହିଁ । ଜଣେ କବି ହେବାକୁ ହେଲେ ତାଙ୍କୁ ଆହୁରି ପଢ଼ିବାକୁ ଓ ଲେଖିବାକୁ ପଡ଼ିବ – ଇଏ ଥିଲା ନିଜ ପାଇଁ ଏକ ଆହ୍ୱାନ । ଇଏ ଏକ କଠିନ କାର୍ଯ୍ୟ ନିଶ୍ଚୟ । ଧୀରେ ଧୀରେ ତାଙ୍କ କବିତା ନିଜସ୍ୱ ଧାରାରେ ଚାଲିଲା । ୧୯୮୦ ମସିହାରେ ତାଙ୍କ ରଚିତ ଏକ ଦୀର୍ଘ କବିତା 'ରିଲେସନସିପ୍' ଆମେରିକାରୁ ପ୍ରକାଶ ପାଇଲା ଏବଂ ତା'ପର ବର୍ଷ ସାହିତ୍ୟ ଅକାଦେମୀ ଦ୍ୱାରା ପୁରସ୍କୃତ ହେଲା । କହିବାରେ ହୁଏତ ଆବଶ୍ୟକତା ନାହିଁ ଯେ ତାଙ୍କୁ ଏକ ଆତ୍ମସନ୍ତୋଷ ମିଳିଲା ଯେ ତାଙ୍କ ରଚିତ କବିତା ସାହିତ୍ୟ ଅକାଦେମୀ ଦ୍ୱାରା ସ୍ୱୀକୃତି ପାଇଲା । ଏହା ପରେ ତାଙ୍କ କବିତା ସଙ୍କଳନ ନିର୍ଦ୍ଦିଷ୍ଟ ଅନ୍ତରାଳରେ ଗୋଟିଏ ପରେ ଗୋଟିଏ ପ୍ରକାଶ ପାଇ ଚାଲିଲା । କିନ୍ତୁ ପୁଣି ଥରେ ତାଙ୍କର ଅନୁଭବ ହେଲା ସତେ ଯେମିତି କିଛି ନିରୁଦ୍ଦେଶ ହୋଇଯାଉଛି ଯାହା ସେ ନିଜେ ବ୍ୟକ୍ତ କରିପାରୁନାହାନ୍ତି । ଏହି ଶୂନ୍ୟତା ତାଙ୍କୁ ବିବଶ କରିଦେଉଥିଲା । ସେ ଚିନ୍ତା କଲେ ଏଯାଏ ସେ ଯାହା କିଛି ଇଂରାଜୀ ଭାଷାରେ ଲେଖିଚାଲିଲେ ସେସବୁ ତାଙ୍କୁ ତାଙ୍କ ମାତୃଭାଷା ଓଡ଼ିଆରେ ଲେଖିବାର ଥିଲା । ଆଉ ଏଇ ନିର୍ଣ୍ଣୟ ନିଶ୍ଚିତ ଭାବେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା ।

ଆଉ ଆଜି ସେ କୋଡ଼ିଏ ଖଣ୍ଡ ଇଂରାଜୀ କବିତା ସଙ୍କଳନ ସହିତ ଓଡ଼ିଆ ଭାଷାରେ ନଅଖଣ୍ଡ କବିତା ସଙ୍କଳନର ସ୍ରଷ୍ଟା । ଜୟନ୍ତ ମହାପାତ୍ରଙ୍କ ଏଇ ନିରନ୍ତର କାବ୍ୟଯାତ୍ରାର ଫଳଶ୍ରୁତି । ଆନନ୍ଦର କଥା, ତାଙ୍କ ଆତ୍ମଜୀବନୀ 'ପାହିନି ରାତି' ଇଂରାଜୀରେ ନୁହେଁ, ଓଡ଼ିଆ ଭାଷାରେ ହିଁ ପ୍ରକାଶିତ ହୋଇଛି । ଇଂରାଜୀ ଅନୁବାଦ କାର୍ଯ୍ୟରେ ସେ ଢେର ସମୟ ବ୍ୟୟ କରିଛନ୍ତି । ଓଡ଼ିଆ ଭାଷାରେ କବିମାନଙ୍କ ବହୁ କବିତା ସେ ଇଂରାଜୀରେ ଅନୁବାଦ କରିଛନ୍ତି ଏବଂ ଏକ୍ଷେତ୍ରରେ ତାଙ୍କର ଦଶଟି ଅନୂଦିତ ସଙ୍କଳନ ରହିଛି । ତାଙ୍କ ରଚିତ ଇଂରାଜୀ କବିତା ସଙ୍କଳନ ଗୁଡ଼ିକ ମଧ୍ୟରେ ରହିଛି – କ୍ଲୋଜ୍ ଦି ସ୍କାଇ, ଟେନ୍ ବାଇ ଟେନ୍, ଏ ରେନ୍ ଅଫ୍ ରାଇଟ୍ସ, ଲାଇଫ୍ ସାଇନ୍ସ, ଏ ହ୍ୱାଇଟ୍‌ନେସ୍ ଅଫ୍ ବୋନ୍, ବର୍ଡନ ଅଫ୍ ୱେଭ୍‌ସ ଆଣ୍ଡ ଫ୍ରୁଟ୍, ସାଡ଼ୋ ସ୍ପେସ୍, ଦି ଲାଇ ଅଫ୍ ଡନ୍ସ: ପୋଏମ୍ସ ୧୯୭୪-୨୦୦୮, ହେଜିଟାଣ୍ଟ ଲାଇଟ୍, ସ୍କାଇ ୱିଦାଉଟ୍ ସ୍କାଇ ପ୍ରମୁଖ ଏବଂ ଓଡ଼ିଆ କବିତା ସଙ୍କଳନ ମଧ୍ୟରେ ରହିଛି – ବଳି, ଟିକିଏ ଛାଇ, ବାୟାରଜା, ସ୍ମୃତି ପରି କିଛିଟି, ଦଶଟି କବିତା ଓ କବିତା ସମଗ୍ର । ତାଙ୍କ ରଚିତ କ୍ଷୁଦ୍ରଗଳ୍ପଗୁଡ଼ିକ 'ଦି ଗ୍ରୀନ୍ ଗାର୍ଡ଼ନର ଆଣ୍ଡ ଅଦର ଷ୍ଟୋରିଜ୍' ଶୀର୍ଷକରେ ପ୍ରକାଶିତ । ଯଦିଓ ଅନିୟମିତ ତେବେ ବି ତାଙ୍କ ସମ୍ପାଦିତ ସାହିତ୍ୟ ପତ୍ରିକା 'ଚନ୍ଦ୍ରଭାଗା' ବିଭିନ୍ନ ଭାରତୀୟ ଭାଷାର କବିତା ଗୁଡ଼ିକର ଇଂରାଜୀ ଭାଷାରେ ଅନୂଦିତ ହୋଇ ପ୍ରକାଶ ପାଉଛି ।

ଅନ୍ତର୍ଜାତୀୟ ସାହିତ୍ୟ ଉତ୍ସବରେ ଅତିଥି ଭାବେ ଯୋଗ ଦେବା ପାଇଁ ଆମନ୍ତ୍ରଣ ସହିତ ତାଙ୍କର ବିଭିନ୍ନ ପୁରସ୍କାର ପ୍ରାପ୍ତି ସ୍ୱାଭାବିକ ଭାବେ ଆସୁଛି । ଜାକବ୍ ସ୍ମୃତି ପୁରସ୍କାର ଓ ସାହିତ୍ୟ ଅକାଦେମୀ ପୁରସ୍କାର ସହିତ ସେ ଗଙ୍ଗାଧର ମେହେର ଜାତୀୟ କବିତା ପୁରସ୍କାର, ରାମକୃଷ୍ଣ ଜୟଦୟାଲ ହାର୍ମୋନୀ ଆୱାର୍ଡ଼, ସାର୍କ ସାହିତ୍ୟ ପୁରସ୍କାର, କହ୍ନେୟାଲାଲ୍ ଲାଇଫ୍‌ଟାଇମ୍ ପୋଏଟ୍ରି ଆୱାର୍ଡ଼, ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡି.ଲିଟ୍ ଉପାଧି ଓ ଭାରତର ରାଷ୍ଟ୍ରପତିଙ୍କ ପ୍ରଦତ୍ତ ପଦ୍ମଶ୍ରୀ ସମ୍ମାନରେ ସେ ସମ୍ମାନିତ ହୋଇଛନ୍ତି । ଏବେ ବି ସେ ନିରନ୍ତର ଭାବେ